# ଚତୁର୍ଥ ପରିଛେଦ

ଅହଂ ନିଜଃ ପରୋବେତ୍ତି ଗଣନା ଲଘୁଚେତସାମ ।

ମଙ୍ଗରାଜେ ନିଜ ପର ଚାଷ ବୁଝନ୍ତି ନାହିଁ । ଶାସ୍ତ୍ରରେ ପାଠ ଡାକୁଛି ଲଘୁଚେତାମାନେ ଆପଣା ଚାଷ ପ୍ରତି ଯେପରି ନଜର, ପର ଚାଷ ପ୍ରତି ମଧ୍ୟ ସେପରି ଦୃଷ୍ଟି । ଆମ୍ଭେମାନେ ଦିନକର କଥା କହିଲେ ଜ୍ଞାନୀ ପାଠକମାନେ ସେଥିରୁ ସବୁ ଜାଣିଯିବେ । ଭାତହାଣ୍ଡିରୁ ଗୋଟିଏ ଚିପିଲେ ସବୁ ଜଣାପଡେ । ସରଦାର ହଳିଆ ଗୋବିନ୍ଦ ପୁହାଣ ସକାଳେ ଆସି ଜଣାଇଲା , ଆଜ୍ଞା , ଦେଢମାଣ ବିଲ ଅରୁଆ ରହିଲା, ତଳି ନିଅଣ୍ଟ । ସାଆନ୍ତେ ହୁଁ କହି ତୁନି ହେଲେ । ହଳିଆ ହାତଯୋଡି ଦୁଆରେ ଛିଡାହେଲା ।

ସାଆନ୍ତେ ବିଲ ବୁଲି ବାହାରିଛନ୍ତି । ପରିଧାନ ଖଣ୍ଡିଏ ତେଲ ଚିକିଟା ମଠାଲୁଗା , ଅଣ୍ଟାରେ ଗେରୁରଙ୍ଗିଆ ଗାମୁଛାଭିଡା, କାନ୍ଧରେ ବିଶାଳ ତାଳପତ୍ର ଛତା । ପଛରେ ଗୋବିନ୍ଦ ପୁହାଣ ବିଲର ହାଲଚାଲ କହି ଚାଲୁଅଛି , ଆଉ ଜଣେ ହଳିଆ କାନ୍ଧରେ ଯୋଡାଏ ଯୁଆଳି ପକାଇ ଚାଲିଅଛି , ତାହାର ନାମ ପାଣ୍ଡିଆ । ଗାଁର ସବୁ ଲୋକ ଉଠି ନାହାଁନ୍ତି । ଶିବୁ ପଣ୍ଡିତଙ୍କ ସଙ୍ଗରେ ଭେଟ ହେଲା ।

ପଣ୍ଡିତେ ନାଶ ସୁଙ୍ଘିଂ ସୁଙ୍ଘିଂ ବାଁ ହାତରେ ଢାଳଟିଏ ଧରି ପୋଖରୀପାଣି ବାହାରିଛନ୍ତି । ସାଆନ୍ତଙ୍କୁ ହଠାତ୍ ପଛରେ ଦେଖି ତରବର ହୋଇ ସାଢେ ସାତହାତ ଆଡ ହୋଇଗଲେ ଏବଂ ଢାଳଟା ତଳେ ଥୋଇଦେଇ ଧନୁକାକାରଧାରଣ ପୂର୍ବକ 'ଅଞ୍ଜଳିବଦ୍ଧ୍ୱୋ ଭୂତ୍ୱା ' ସାଆନ୍ତଙ୍କର 'କୀର୍ତ୍ତିମାୟୁର୍ଯଶଃଶ୍ରିୟଂ ' କାମନା କଲେ । ସାଆନ୍ତଙ୍କର ତେଣିକି ଦୃଷ୍ଟି ନାହିଁ , ଏକମୁହାଁ ଚାଲିଛନ୍ତି । ସାଆନ୍ତେ ଖଣ୍ଡେ ବାଟ ଚାଲିଗଲା ବାଦ୍ ପଣ୍ଡିତେ ଧୀରେ ଧୀରେ ଢାଳଟି ଉଠାଇ ଶ୍ଳୋକଟିଏ ପଢିଲେ, 'ଆଦ୍ୟ ପ୍ରାତରେବାନିଷ୍ଟ ଦର୍ଶନଂ ଜାତଂ ନ ଜାନେ କିମନଭିମତଂ ଦର୍ଶୟିଷ୍ୟତି । '

ପଣ୍ଡିତମାନଙ୍କର ଶ୍ଳୋକ ପଢିବା ଅଭ୍ୟାସ , ସେଥିରୁ ଆମ୍ଭେମାନେ କ'ଣ ପାଇବୁ ?

ଶ୍ୟାମ ଗୋଛ୍ଛଇତ ଜାତିରେ ବାଉରୀ । ବିଲ ଗାଁ ତଳେ । ବିଲଗୁଡିକ ଆଗ ରୁଆ , ଶୁଆପକ୍ଷଆ ବୁଲିଗଲାଣି । ଶ୍ୟାମ ନଇଁପଡି ହିଡ ବାନ୍ଧୁଅଛି । ସା'ନ୍ତେ ପାଖରେ ଛିଡାହୋଇ ଯାଇ କଅଁଳ ଭାଷାରେ କହିଲେ , 'କି ରେ ବାପ ଶ୍ୟାମ ' , ଶ୍ୟାମ ହଠାତ୍ ସାଆନ୍ତଙ୍କୁ ଦେଖି ଚମକି ପଡିଲା । ପାଞ୍ଚହାତ ଦୂରକୁ କୋଡିଟା ଫୋପାଡିଦେଇ ଲଟକରି କାଦୁଅରେ ଶୋଇପଡି ଓଳଗି ହେଲା । 'ଆରେ ଉଠ୍, ଆରେ ଉଠ, ଆରେ ଉଠ୍' ବୋଲିସ୍ନେହରେ ସାଆନ୍ତେ ସମ୍ବୋଧନ କଲେ । ତହିଁ ଉତ୍ତାରେ ଶ୍ୟାମ ହାତ ଯୋଡି ଦଶହାତ ଦୂରରେ ଛିଡାହେଲା । ତାହା ବାଦ୍ ଶ୍ୟାମ ଓ ସାଆନ୍ତଙ୍କ ମଧ୍ୟରେ ଢେର ବେଳ ଯାଏ ଦୁଃଖସୁଖ କଥାବାର୍ତ୍ତା ହୋଲା । ସବୁ କଥାଗୁଡା ଲେଖିଲେ ପାଠକମାନେ ବିରକ୍ତ ହୋଇପାରନ୍ତି , ସେଥିସକାସେ ସାରାଂଶ ମାତ୍ର ଲେଖୁଅଛୁ , ଅର୍ଥାତ୍ ଶ୍ୟାମ ବଂଶ ଉପରେ ସାଆନ୍ତଙ୍କର ଭାରି ନଜର । ଶ୍ୟାମ ବାପ ଅପର୍ତ୍ତିଆ ରୋଜ ରୋଜ ସଞ୍ଜବେଳେ ସାଆନ୍ତଙ୍କ ପାଖକୁ ଯାଇ ବିଲବାଡିର ହାଲଚାଲ ଜଣାଉଥିଲା ଏବଂକିପରି ଚାଷକଲେ ଧାନ ଖୁବ୍ ଫଳିବ, ଏସବୁକଥା ପଚାରୁଥିଲା ଇତ୍ୟାଦି । ମାତ୍ର ଶ୍ୟାମ ସେପରି କରେ ନାହିଁ । ଇତ୍ୟବସରରେ ବିଲ ଉପରେ ସାଆନ୍ତଙ୍କ ନଜର ଅକସ୍ମାତ ପଡିଗଲା । ଚମକି ପଡିଲାପରି ମୁରବିପଣିଆ କରି କହିଲେ, 'ଆରେ ଶାମା , ତୁ କ'ଣ କରିଛୁ ? ତୁ ଟା ତ ନିହାତି ଓଲୁ । ଚାଷ କିଛି ଜାଣି ନାହୁଁ । ଆରେ , ଏତେ ନିଘଞ୍ଚ କରି ରୋଇଲେ କଣ ଧାନ ଫଳେ? ଗଛ ନିଃଶ୍ବାସ ମାରିବାକୁ ତ ବାଟ ରଖି ନାହୁଁ । ଉପାଡ ଉପାଡ୍ ଅଧେ ଉପାଡିପକା । ଗୋବିନ୍ଦ ଭଲ କରି ଅନାଇ ସା'ନ୍ତଙ୍କର ପୋଷକତା କଲା । ଶ୍ୟାମ ଥରିଥରି ହାତଯୋଡି, 'ଆଜ୍ଞା , ମୁଁ ତ ସବୁ ବରଷ ଏହିପରି ରୁଏଁ, ସମସ୍ତେ ରୁଅନ୍ତି । ' ସା'ନ୍ତେ ବିରକ୍ତ ହୋଇ କହିଲେ , 'ଆରେ ଓଲୁ, ଭଲ କହିଲେ ଶୁଣୁନାହୁଁ ? ଗୋବିନ୍ଦ ଆଡକୁ ଚାହି କହିଲେ, 'ଆରେ ଗୋବିନ୍ଦା ଦେଖାଇ ଦେ ତ । '' ଏହି କଥା ମୁହଁରୁ ନବାହାରୁଣୁ ଗୋବିନ୍ଦା ଏବଂ ପାଣ୍ଡିଆ ଦୁଇ କିଆରୀ ବିଲ ଅଧା ପଦା କରିପକାଇଲେ । ଶ୍ୟାମ ଡକାପଡି ସାଆନ୍ତଙ୍କ ଗୋଡତଳେ ଗଡୁଥାଏ ।

ସାଆନ୍ତେ ରାଗିଯାଇ ସାଆନ୍ତାଣୀଙ୍କ ସହିତ ଶ୍ୟାମର ଭାଇଲେଖା ସମ୍ବୋଧନ କରି କହିଲେ, '' ତୁ ବିଲ କରି ଜାଣ ନ ଜାଣ, କରଜା ଧନର ମୂଳ କଳନ୍ତର ବିଶ୍ବଏ ରଖିଲେ, ଜାଣିବୁ । '' ଶ୍ୟାମ ଭୟରେ କାଠ ପିତୁଳି ପରି ଛିଡା ହୋଇଥାଏ । ସାଆନ୍ତେ '' ଆରେ ଗୋବିନ୍ଦ , ଥାଉ ଥାଉ, ସେ ଯାହା ଇଚ୍ଛା କରୁ । '' ଏହା କହି ଆପଣା ଅରୁଆ ବିଲ ଆଡକୁ ଦୁଇ ଭାର ତଳି ଧରି ବାହାରି ଗଲେ ।

--o--